**ଗ୍ରାମୀଣ କୃଷି ମୌସମ ସେବା**

**ଭାରତୀୟ ପାଣିପାଗ ବିଭାଗ**

**ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ**

**ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ପ୍ରସାରଣ କେନ୍ଦ୍ର , ଭବାନୀପାଟଣା, କଳାହାଣ୍ଡି**

**ପତ୍ର ସଂ –୧୮/୨୦୨୪** **ସପ୍ତାହ- ୦୯** **ଶୁକ୍ରବାର, ତାରିଖ-୦୧.୦୩.୨୦୨୪**

ଭବାନୀପାଟନା କୃଷିପାଣିପାଗ କ୍ଷେତ୍ର ୟୁନିଟ ରେ ପୂର୍ବ ସପ୍ତାହରେ ରେକର୍ଡ କରାଯାଇଥିବା ପାଣିପାଗ ସୂଚନା :

| | |
|---|---|
| ସାପ୍ତାହିକ ବୃଷ୍ଟିପାତ(ମିମି) / ବର୍ଷା ଦିନ | ୧୧.୪/୦୧ |
| ସର୍ବମୋଟ ବୃଷ୍ଟିପାତ (ମିମି) / ବର୍ଷା ଦିନ (୦୧-୦୧-୨୦୨୪ ଠାରୁ) | ୧୩.୬/୦୧ |
| ସାପ୍ତାହିକ ହାରାହାରି ସର୍ବାଧିକ ତାପମାତ୍ରା ($^0$C) | ୩୩.୩ |
| ସାପ୍ତାହିକ ହାରାହାରି ସର୍ବନିମ୍ନ ତାପମାତ୍ରା ($^0$C) | ୨୦.୨ |

**କଳାହାଣ୍ଡି ଜିଲ୍ଲା ପାଇଁ ପାଣିପାଗ ପୂର୍ବାନୁମାନ – ୦୨.୦୩.୨୦୨୪ ରୁ ୦୬.୦୩.୨୦୨୪ ପର୍ଯ୍ୟନ୍ତ:**

ଭାରତୀୟ ପାଣିପାଗ ବିଭାଗର ଆକଳନ ଅନୁସାରେ ଆସନ୍ତା ପାଞ୍ଚ ଦିନ ପାଗ ମୁଖ୍ୟତଃ ଶୁଖିଲା ରହିବାର ଆଶଙ୍କା ରହିଛି । ଏହି ସମୟରେ ଆକାଶ ନିର୍ମଳ ରୁ ଆଂଶିକ ମେଘୁଆ ରହିବା ସହିତ ଉକ୍ତ ସମୟ ମଧ୍ୟରେ ପବନ ଦକ୍ଷିଣ ରୁ ଦକ୍ଷିଣ-ପଶ୍ଚିମ ଦିଗ ଆଡୁ ଘଣ୍ଟା ପ୍ରତି ୦୦୬ – ୦୦୮ କି.ମି. ବେଗରେ ବହିବାର ଆଶଙ୍କା ରହିଛି । ଏହି ସମୟରେ ଦିନର ସର୍ବାଧିକ ତାପମାତ୍ରା ୩୪ - ୩୫ ଡିଗ୍ରୀ ସେ. ଓ ସର୍ବନିମ୍ନ ତାପମାତ୍ରା ୧୭ - ୧୮ ଡିଗ୍ରୀ ସେ. ଏବଂ ସର୍ବାଧିକ ଓ ସର୍ବନିମ୍ନ ଆପେକ୍ଷିକ ଆଦ୍ରତା ଯଥାକ୍ରମେ ୪୯ – ୬୩ % ଓ ୧୩ – ୨୩ % ରହିବ ବୋଲି ଆଶା କରାଯାଏ ।

| ଜିଲ୍ଲା | ତାରିଖ | ବର୍ଷାର ପରିମାଣ (ମି.ମି.) | ସର୍ବାଧିକ ତାପମାତ୍ରା ($^0$ସେ.) | ସର୍ବନିମ୍ନ ତାପମାତ୍ରା ($^0$ସେ.) | ଆକାଶରେ ମେଘର ପରିମାଣ (ଅକଟା) | ସର୍ବାଧିକ ଆପେକ୍ଷିକ ଅଦ୍ରତା (%) | ସର୍ବନିମ୍ନ ଆପେକ୍ଷିକ ଅଦ୍ରତା (%) | ପବନର ବେଗ (କି.ମି. ପ୍ରତି ଘଣ୍ଟା ) | ପବନର ଦିଗ (ଡିଗ୍ରୀ) |
|---|---|---|---|---|---|---|---|---|---|
| **କଳାହାଣ୍ଡି** | ୦୨-୦୩-୨୦୨୪ | ୦ | ୩୪ | ୧୭ | ୦ | ୬୩ | ୧୩ | ୭ | ୧୭୧ |
| | ୦୩-୦୩-୨୦୨୪ | ୦ | ୩୫ | ୧୭ | ୨ | ୫୪ | ୧୬ | ୭ | ୨୦୬ |
| | ୦୪-୦୩-୨୦୨୪ | ୦ | ୩୫ | ୧୭ | ୩ | ୫୬ | ୨୨ | ୬ | ୧୬୫ |
| | ୦୫-୦୩-୨୦୨୪ | ୦ | ୩୪ | ୧୮ | ୨ | ୫୪ | ୨୩ | ୭ | ୧୬୫ |
| | ୦୬-୦୩-୨୦୨୪ | ୦ | ୩୪ | ୧୮ | ୪ | ୪୯ | ୨୦ | ୮ | ୧୬୨ |

**ଅଧିକ ସୂଚନା ପାଇଁ ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ବର ସହିତ ଯୋଗାଯୋଗ କରନ୍ତୁ ଫୋନ.#୦୬୭୪ - ୨୫୯୬୧୧୬**

**ପାଣିପାଗ ଭିତ୍ତିକ କୃଷି ଉପଦେଶ**

- ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ଆସନ୍ତା ପାଞ୍ଚ ଦିନରେ ବର୍ଷା ହେବାର ଆଶଙ୍କା ନାହିଁ । ତେଣୁ ଚାଷୀ ଭାଇମାନେ ଚାଷ ଜମିରେ ମାଟିର ବତର ପ୍ରତି ଧ୍ୟାନ ଦିଅନ୍ତୁ ଏବଂ ଆବଶ୍ୟକ ସ୍ଥଳେ ଜଳ ସେଚନର ବ୍ୟବସ୍ଥା କରନ୍ତୁ ।
- ଆଗାମୀ ପାଞ୍ଚ ଦିନରେ ପାଗ ଖରାଟିଆ ରହିବାର ସମ୍ଭାବନା ଥିବାରୁ ଚାଷୀ ଭାଇମାନେ ଜମିରେ ଫସଲର ସୁରକ୍ଷା ନିମିତ୍ତ ଆବଶ୍ୟକ ସ୍ଥଳେ ରାସାୟନିକ ଔଷଧ ର ପ୍ରୟୋଗ କରି ପାରିବେ ।
- ଜମିରେ ଛିଡ଼ା ହେଇଥିବା ଫସଲ କିମ୍ବା ପନିପରିବା ଚାଷରେ ଘାସ ଦାଉରୁ ସୁରକ୍ଷା ନିମନ୍ତେ କୋଡା ଖୋଷା କରି ଦିଅନ୍ତୁ ଓ ଫସଲରେ ରୋଗ ଓ ପୋକ ର ଉପସ୍ଥିତି କୁ ନିୟମିତ ଯାଞ୍ଚ କରନ୍ତୁ ।
- ଫସଲର ଅଭିବୃଦ୍ଧି ପର୍ଯ୍ୟାୟ ଅନୁଯାୟୀ ସନ୍ତୁଳିତ ଏବଂ ଅନୁମୋଦିତ ସାର ପ୍ରୟୋଗ କରି ଜଳ ସେଚନ କରନ୍ତୁ।
- ଖରାଟିଆ ପାଗ ସହ ତାପମାତ୍ରା ର ବୃଦ୍ଧି ହେତୁ ପଶୁପକ୍ଷୀ ମାନଙ୍କୁ ଛାଇ ଥିବା ସ୍ଥାନରେ ରଖିବା ଏକାନ୍ତ ଆବଶ୍ୟକ । ଛାତ କିମ୍ବା ଆଜବେଷ୍ଟସ ଘରେ ପଶୁ ମାନଙ୍କୁ ରଖୁଥିଲେ ଛାତ ଉପରେ ନଡ଼ା ବିଛାଇ ଦିଅନ୍ତୁ ଏବଂ ପଶୁପକ୍ଷୀ ମାନଙ୍କୁ ପର୍ଯ୍ୟାପ୍ତ ପରିମାଣରେ ଥଣ୍ଡା ତଥା ନିର୍ମଳ ପାନୀୟ ଜଳ ପ୍ରଦାନ କରନ୍ତୁ।
- ଗୃହପାଳିତ ଗାଈ, ମଇଁଷି, ଛେଳି, ମେଣ୍ଢା ମାନଙ୍କୁ ଫାଟୁଆ, ସାହାଣ, ବଜବଜିଆ, ଛେଳି ମଡ଼କ ଓ ଛେଳି ବସନ୍ତ ଆଦି ରୋଗରୁ ରକ୍ଷା କରିବା ପାଇଁ ନିୟମିତ ଅନ୍ତରାଳରେ ଟୀକା ଦାନ କରନ୍ତୁ।

**ଡାଲୁଅ ଧାନ :**

- **ଘାସ ପରିଚାଳନା:** ମୁଖ୍ୟ ଜମିରେ ଗଜା ପୂର୍ବବର୍ତୀ ଘାସମରା ଔଷଧ ପକାଇ ନଥିଲେ ଗଜା ପରବର୍ତୀ ଘାସ ନିୟନ୍ତ୍ରଣ ପାଇଁ ରୋଇବାର ୧୦ ରୁ ୧୫ ଦିନ ମଧ୍ୟରେ ୮ ମିଲିଗ୍ରାମ ବିସ୍ପିରିବିକ ସୋଡିଅମ କୁ ୧୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ୪ ମିଲି ପେନୋକ୍ସୁଲାମ୍ ୧.୦୨% + ସାଇହାଲୋଫୋପ୍ ବ୍ୟୁଟାଇଲ ୫.୧% କୁ ପ୍ରତି ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।
- **ସାର ପରିଚାଳନା:** ପ୍ରଥମ କିସ୍ତି ସାର ହିସାବରେ ଏକରପିଛା ୩୫ କି.ଗ୍ରା. ୟୁରିଆ ସାରକୁ ପିଲ ବାହାରିବା ସମୟରେ ଅର୍ଥାତ ରୋଇବାର ୨୦ ରୁ ୨୫ ଦିନ ମଧ୍ୟରେ ପ୍ରୟୋଗ କରନ୍ତୁ ।

**ରୋଗ ଓ ପୋକ ପରିଚାଳନା:**

- ଛଟା ବୁଣା ଧାନରେ ମହିଷା ରୋଗର ପ୍ରାଦୁର୍ଭାବ ଦେଖା ଦେଉଥିଲେ ପ୍ରତି ୧୦ ଲିଟର ପାଣିରେ ୪ ଗ୍ରାମ ଟେବୁକୋନାଜୋଲ ୫୦% + ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ ୨୫% ଡବ୍ଲୁ. ଜି. କିମ୍ବା ୧୦ ଗ୍ରାମ କାରବେନଡାଜିମ୍ ୫୦% ଡବ୍ଲୁ.ପି. କିମ୍ବା ୧୦ ମି.ଲି. ଏଡିଫେନୋଫୋସ୍ ୫୦% ଇ.ସି. କୁ ମିଶ୍ରଣ କରି ସିଂଚନ କରନ୍ତୁ।

- ରୋଇବା ପରେ ପରେ କାଣ୍ଡବିନ୍ଧା ଓ ପତ୍ରମୋଡ଼ା ପୋକର ନିରୀକ୍ଷଣ ପାଇଁ ଏକର ପିଛା ଟ୍ରାପ୍ ପ୍ରତି ୫ ମିଲିଗ୍ରାମ ଲିଓର ସହିତ ୩ ଟି ଫେରୋମୋନ ଟ୍ରାପ ଲଗାନ୍ତୁ । ଯଦି ପୁରୁଷ ପ୍ରଜାପତିର ସଂଖ୍ୟା ଗୋଟିଏ ଦିନରେ ଯନ୍ତା ପ୍ରତି ୪ ରୁ ୫ ହେଇଯିବ ତେବେ ପ୍ରତି ଏକ ଲିଟର ପାଣିରେ ୪ ମିଲିଗ୍ରାମ ଆଜାଡିରକଟିନ୍ ୦.୧୫% ନିମ୍ବ ଜାତୀୟ ଔଷଧ କିମ୍ବା ଦାନାଦାର ଔଷଧ ଭାବରେ ଏକର ପିଛା ୧୦ କି.ଗ୍ରା. କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ ୪ଜି କୁ ସମାନ ପରିମାଣର ବାଲି ସହିତ ମିଶାଇ ଜମିରେ ପ୍ରୟୋଗ କରନ୍ତୁ।

**ମୁଗ ଓ ବିରି :**

- ରୋଗ ଓ ପୋକ ପରିଚାଳନା:
- **ସାହେବୀ ରୋଗ/ଜଉ ପୋକ/ ପତ୍ର ଡିଆଁ ପୋକ/ଉକୁଣିଆ ପୋକ :** ସାହେବୀ ରୋଗର ଉପସ୍ଥିତି ଦେଖା ଦେଉଥିଲେ ସଂକ୍ରମିତ ହେଇଥିବା ଗଛ ଗୁଡ଼ିକୁ ଅପାଡ଼ି ମାଟି ତଳେ ପୋତି ଦିଅନ୍ତୁ। ଶୋଷକ କୀଟ ସମୂହର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୮ ଟି ଅଠା ଲାଗିଥିବା ହଳଦିଆ ରଙ୍ଗର ଯନ୍ତା ବା କାର୍ଡ ଏବଂ ଉକୁଣିଆ ପୋକର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୮ ଟି ଅଠା ଲାଗିଥିବା ନୀଳ ରଙ୍ଗର ଯନ୍ତା ବା କାର୍ଡ କୁ କୁ ଜମିରେ ଫସଲର ଅଙ୍ଗୀୟ ଅବସ୍ଥାରେ ଲଗାନ୍ତୁ । ରସାୟନିକ ଉପାୟରେ ନିୟନ୍ତ୍ରଣ ପାଇଁ ୧ ଗ୍ରା. ଥିଓମେଥୋକ୍ସମ୍ ୨୫% ଡବ୍ଲୁ.ଜି କିମ୍ବା ୧.୫ ମି.ଲି. ଇମିଡାକ୍ଲୋପ୍ରିଡ ୧୭.୮% ଏସ.ଏଲ. କୁ ପ୍ରତି ପାଞ୍ଚ ଲିଟର ପାଣିରେ ମିଶ୍ରଣ କରି ସିଂଚନ କରନ୍ତୁ।
- **ପାଉଁଶିଆ ରୋଗ :** ଏହି ରୋଗର ପ୍ରତିକାର ପାଇଁ ୧ ଗ୍ରାମ କାରବେନଡାଜିମ ୫୦% ଡବ୍ଲୁ.ପି  କିମ୍ବା ୦.୫ ମି.ଲି ପେନକୋନାଜୋଲ ୧୦% ଇ.ସି କୁ ପ୍ରତି ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ଚିନାବାଦାମ:**

- ଜଳସେଚନ: ଫୁଲ ଧରିବା ଓ ଫଳ ହେବା  ଅବସ୍ଥା ଜଳର ଆବଶ୍ୟକତା ପାଇଁ ସଙ୍କଟଜନକ ସମୟ । ଏହି ସମୟରେ ଜମିରେ ଜଳର ଅଭାବ ହେବା ଉଚିତ ନୁହଁ ।

ରୋଗ ଓ ପୋକ ପରିଚାଳନା:

- **ଧଳାମାଛି/ ଜଉ/ ପତ୍ର ଡିଆଁ ପୋକ/ ଉକୁଣିଆ ପୋକ:** ଶୋଷକ କୀଟ ସମୂହର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୮ ଟି ଅଠା ଲାଗିଥିବା ହଳଦିଆ ରଙ୍ଗର ଯନ୍ତା ବା କାର୍ଡ ଏବଂ ଉକୁଣିଆ ପୋକର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୮ ଟି ଅଠା ଲାଗିଥିବା ନୀଳ ରଙ୍ଗର ଯନ୍ତା ବା କାର୍ଡ କୁ କୁ ଜମିରେ ଫସଲର ଅଙ୍ଗୀୟ ଅବସ୍ଥାରେ ଲଗାନ୍ତୁ । ରସାୟନିକ ଉପାୟରେ ନିୟନ୍ତ୍ରଣ ପାଇଁ ୧ ଗ୍ରା. ଥିଓମେଥୋକ୍ସମ୍ ୨୫% ଡବ୍ଲୁ.ଜି କିମ୍ବା ୧.୫ ମି.ଲି. ଇମିଡାକ୍ଲୋପ୍ରିଡ ୧୭.୮% ଏସ.ଏଲ. କୁ ପ୍ରତି ପାଞ୍ଚ ଲିଟର ପାଣିରେ ମିଶ୍ରଣ କରି ସିଂଚନ କରନ୍ତୁ।
- **ତମ୍ବାଖୁ ପତ୍ରଖିଆ ପୋକ:** ପ୍ରତିକାର ପାଇଁ ଅଙ୍ଗୀୟ ଅବସ୍ଥାରେ ଏକର ପ୍ରତି ୮ ଟି ସ୍ପୋଡୋ ଲିଓର ଲାଗିଥିବା ଫେରୋମୋନ ଟ୍ରାପ୍ ବା ସଙ୍ଗ ଆକର୍ଷକ ଜନ୍ତା ଲଗାନ୍ତୁ ଏବଂ ତିନି ସପ୍ତାହ ପରେ ଲିଓର କୁ ବଦଳାଇ ଦିଅନ୍ତୁ ।

**ସଙ୍କର ମକା :**

କୀଟ ପରିଚାଳନା:

- **ଜଉ ଓ ଉକୁଣିଆ ପୋକ:** ପ୍ରତିକାର ଲାଗି ପ୍ରତି ପାଞ୍ଚ ଲିଟର ପାଣିରେ ୧ ଗ୍ରା. ଥିଓମେଥୋକ୍ସମ୍ ୨୫ ଡବ୍ଲୁ.ଜି କିମ୍ବା ୧.୫ ମି.ଲି. ଇମିଡାକ୍ଲୋପ୍ରିଡ ୧୭.୮% ଏସ.ଏଲ. କୁ ମିଶ୍ରଣ କରି ସିଂଚନ କରନ୍ତୁ।
- **କାଣ୍ଡବିନ୍ଧା ପୋକ:** ନିୟନ୍ତ୍ରଣ ପାଇଁ ପ୍ରତି ଏକ ଲିଟର ପାଣିରେ ୨ ମି.ଲି. ହିସାବରେ ଫିପ୍ରୋନିଲ ୫% ଏସ.ସି. କିମ୍ବା ପ୍ରୋପେନୋଫୋସ ୫୦% ଇ.ସି. କୁ ମିଶାଇ ସିଂଚନ କରନ୍ତୁ।
- **ଫଲ ଆର୍ମି ୱର୍ମ:**  ଏହି କୀଟର ନିୟନ୍ତ୍ରଣ ନିମନ୍ତେ ପ୍ରତି ପାଞ୍ଚ ଲିଟର ପାଣିରେ ୨ ଗ୍ରା. ଇମାମେକଟିନ୍ ବେନଜୋଏଟ୍ କୁ ମିଶାଇ ସିଂଚନ କରନ୍ତୁ ।

**ପନିପରିବା  :**

**ଟମାଟୋ:**

ରୋଗ ଓ କୀଟ ପରିଚାଳନା:

- **ପତ୍ର ପୋଡ଼ା ରୋଗ:** ନିୟନ୍ତ୍ରଣ ପାଇଁ ପ୍ରତି ଏକ ଲିଟର ପାଣିରେ ୩ ଗ୍ରାମ କପରଅକ୍ସିକ୍ଲୋରାଇଡ୍  ୫୦% ଡବ୍ଲ୍ୟୁ.ପି କୁ ମିଶ୍ରଣ କରି ସିଞ୍ଚନ କରନ୍ତୁ।
- **ଫଳ ଓ କାଣ୍ଡବିନ୍ଧା ପୋକ :** ନିୟନ୍ତ୍ରଣ ପାଇଁ ଏକର ପ୍ରତି ଦୁଇଟି ଲେଖାଏଁ ଫେରୋମୋନ ଟ୍ରାପ ବ୍ୟବହାର କରନ୍ତୁ  କିମ୍ବା ରାସାୟନିକ ଉପାୟରେ ନିୟନ୍ତ୍ରଣ ପାଇଁ ୩ ମି.ଲି କ୍ଲୋରାନଟ୍ରାନିଲିପ୍ରୋଲ ୧୮.୫%ଏସ.ସି କିମ୍ବା ୧୦ ମି.ଲି. ଇନଡୋକ୍ସାକାର୍ବ ୧୪.୫% ଏସ.ସି କୁ ପ୍ରତି ୧୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- **ପତ୍ରଦାଗ/ପାଉଁଶିଆ ରୋଗ:** ପ୍ରତି ଏକ ଲିଟର ପାଣିରେ ୬ ଗ୍ରାମ ଆଜୋକ୍ସିଷ୍ଟ୍ରୋବିନ ୪.୮% + କ୍ଲୋରୋଥାଲୋନିଲ ୪୦% ଏସ.ସି କୁ ମିଶ୍ରଣ କରି ସିଞ୍ଚନ କରନ୍ତୁ।

**ଭେଣ୍ଡି:**

- ଫେବୃୟାରୀ ଓ ମାର୍ଚ ମାସ ମଞ୍ଜି ବୁଣିବାର ଉପଯୁକ୍ତ ସମୟ ଅଟେ । ଏକର ପ୍ରତି ୮ ରୁ ୯ କିଲୋଗ୍ରାମ ମଞ୍ଜି ଆବଶ୍ୟକ ପଡ଼ିଥାଏ । ଜମି ପ୍ରସ୍ତୁତି ସମୟରେ ଏକର ପ୍ରତି ଦୁଇ ଟନ୍ ସଡା ଗୋବର ଖତକୁ ପ୍ରୟୋଗ କରନ୍ତୁ । ମଞ୍ଜି ବୁଣିବା ପୂର୍ବରୁ ପ୍ରତି ଏକ କିଲୋଗ୍ରାମ ମଞ୍ଜି କୁ ୨ ଗ୍ରାମ କାରବେନଡାଜିମ ୫୦% ଡବ୍ଲୁ.ପି  ଦ୍ବାରା ବିହନ ବିଶୋଧନ କରନ୍ତୁ ।
- **ଉପଯୁକ୍ତ କିସମ:** ଉତ୍କଳ ଗୌରବ, ଅର୍କ ଅନାମିକା, ଅର୍କ ଅଭୟ, କାଶୀ ପ୍ରଗତି ଇତ୍ୟାଦି ।

**ଲଙ୍କା :**

ରୋଗ ଓ କୀଟ ପରିଚାଳନା:

- **ଉକୁଣିଆ ପୋକ**: ନିୟନ୍ତ୍ରଣ ପାଇଁ ଏକର ପିଛା ୮ଟି ଅଠାଳିଆ ନୀଳ ଯନ୍ତା ଲଗାନ୍ତୁ । ରାସାୟନିକ ଉପାୟରେ ସଂକ୍ରମଣ ରୋକିବା ପାଇଁ ପ୍ରତି ୫ ଲିଟର ପାଣିରେ ଇମାମେକ୍ଟିନବେଞ୍ଜୋଏଟ୍ ୫% ଏସ୍.ଜି. ୨ ଗ୍ରା. କିମ୍ବା ଫିପ୍ରୋନିଲ୍ ୫% ଏସ୍.ସି. ୧୦ ମି.ଲି. କିମ୍ବା ଇମିଡ଼ାକ୍ଲୋପ୍ରିଡ୍ ୧୭.୮% ଏସ୍.ଏଲ୍. ୧.୫ ମି.ଲି ହିସାବରେ ମିଶ୍ରଣ କରି ସିଞ୍ଚନ କରନ୍ତୁ।

- **ଫଳବିନ୍ଧା ପୋକ**: ନିୟନ୍ତ୍ରଣ ପାଇଁ ପାଇଁ ଅଙ୍ଗୀୟ ଅବସ୍ଥାରେ ଏକର ପ୍ରତି ୮ ଟି ହେଲି ଲିଓର ଲାଗିଥିବା ଫେରୋମୋନ ଟ୍ରାପ୍ ବା ସଙ୍ଗ ଆକର୍ଷକ ଜନ୍ତା ଲଗାନ୍ତୁ ଏବଂ ତିନି ସପ୍ତାହ ପରେ ଲିଓର କୁ ବଦଳାଇ ଦିଅନ୍ତୁ ।

**ବାଇଗଣ:**

କୀଟ ପରିଚାଳନା:

- **କାଣ୍ଡ ଓ ଫଳ ବିନ୍ଧା ପୋକ**: ନିୟନ୍ତ୍ରଣ ପାଇଁ ଅଙ୍ଗୀୟ ଅବସ୍ଥାରେ ଏକର ପିଛା ୮ ଟି ଫେରୋମୋନ୍ ଟ୍ରାପ୍ (ଆକର୍ଷକ ଜନ୍ତା) କିମ୍ବା ୱାଟା ଟ୍ରାପ୍ ଜମିରେ ଲଗାନ୍ତୁ । ରାସାୟନିକ ପଦ୍ଧତିରେ ନିୟନ୍ତ୍ରଣ ପାଇଁ ପ୍ରତି ୧୫ ଲିଟର ପାଣିରେ ସ୍ପିନୋସାଡ ୪୫% ଏସ.ସି ୫.୫ ମିଲିଗ୍ରାମ ନଚେତ ପ୍ରତି ଏକ ଲିଟର ପାଣିରେ ୨ ମିଲିଗ୍ରାମ ଥିଓଡିକାର୍ବ ୭୫% ଡବ୍ଲ୍ୟୁ.ପି କୁ ମିଶ୍ରଣ କରି ସିଞ୍ଚନ କରନ୍ତୁ।
- **ଧଳା ମାଛି:** ନିୟନ୍ତ୍ରଣ ପାଇଁ ଅଙ୍ଗୀୟ ଅବସ୍ଥାରେ ଏକର ପ୍ରତି ୮-୧୦ ଟି ଅଠା ଲାଗିଥିବା ହଳଦିଆ ଯନ୍ତା ବ୍ୟବହାର କରନ୍ତୁ । ସଂକ୍ରମିତ ହେବାର ପ୍ରଥମ ଅବସ୍ଥାରେ ୩୦ ମି.ଲି ନିମ୍ବ ଆଧାରିତ କୀଟନାଶକ (ଆଯାଡିରାକଟିନ୍ ୧୫୦୦ ପିପିଏମ୍ ) କୁ ପ୍ରତି ୧୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ।

**ପିଆଜ :**

ରୋଗ ପରିଚାଳନା:

- **ବାଇଗଣି ଦାଗ (ପରପଲ ବ୍ଲୋଚ୍) :** ଏହି ରୋଗର ନିୟନ୍ତ୍ରଣ ପାଇଁ ଡାଇଫେନୋକୋନାଜୋଲ୍ ୨୫% ଇ.ସି କିମ୍ବା ଟେବୁକୋନାଜୋଲ୍ ୨୫.୯% ଇ.ସି କିମ୍ବା କିଟାଜିନ୍ ୪୮% ଇ.ସି କୁ ୧ ମିଲିଗ୍ରାମ ହିସାବରେ ପ୍ରତି ଏକ ଲିଟର ପାଣିରେ ମିଶ୍ରଣ କରି ସିଞ୍ଚନ କରନ୍ତୁ ।
- **ପତ୍ର ପୋଡ଼ା ରୋଗ: ନିରାକରଣ ପାଇଁ ପ୍ରତି** ଏକ ଲିଟର ପାଣିରେ ୩ ଗ୍ରାମ ମାଙ୍କୋଜେବ୍ ୭୫% ଡବ୍ଲ୍ୟୁ.ପି କୁ ମିଶ୍ରଣ କରି ସିଞ୍ଚନ କରନ୍ତୁ ।
- **ଉକୁଣିଆ ପୋକ**: ନିୟନ୍ତ୍ରଣ ପାଇଁ ଏକର ପିଛା ୮ଟି ଅଠାଳିଆ ନୀଳ ଯନ୍ତା ଲଗାନ୍ତୁ । ରାସାୟନିକ ଉପାୟରେ ସଂକ୍ରମଣ ରୋକିବା ପାଇଁ ପ୍ରତି ୫ ଲିଟର ପାଣିରେ ୧ ଗ୍ରା. ଥିଓମେଥୋକ୍ସମ୍ ୨୫ ଡବ୍ଲ୍ୟୁ.ଜି କିମ୍ବା ପ୍ରତି ୪ ଲିଟର ପାଣିରେ ୧ ଗ୍ରାମ ଏସିଡାମିପ୍ରିଡ୍ ୨୦% ଏସ.ପି. କୁ ମିଶ୍ରଣ କରି ସିଞ୍ଚନ କରନ୍ତୁ ।

**ପଶୁପାଳନ:**

- **ଗାଈ ଓ ମଇଁଷି :** ଅଧିକ ଦୁଗ୍ଧ (୧୦ - ୧୫ ଲିଟର) ଦେଉଥିବା ଗାଈ ମାନଙ୍କୁ ଖାଦ୍ୟରେ ତନ୍ତୁ ପରିମାଣକୁ ହ୍ରାସ କରି ୫ ରୁ ୧୦ ପ୍ରତିଶତ ଚର୍ବି ବା ତୈଳ ଜାତୀୟ ଖାଦ୍ୟ ମିଶାଇ ଦେବା ଉଚିତ। ଭିଟାମିନ ଏ ଓ ଇ ଖାଦ୍ୟରେ ମିଶାଇ ପଶୁମାନଙ୍କୁ ଦେଲେ ଲାଭ ଦାୟକ ହେଇଥାଏ। ବର୍ତମାନର ପାଗକୁ ଦୃଷ୍ଟିରେ ରଖି ଦୁଧିଆଳୀ ଗାଈ ଓ ମଇଁଷି ମାନଙ୍କୁ ଦିନବେଳା ଦୁଇ ରୁ ତିନି ଥର ତାଙ୍କ ଉପରେ ପାଣି ସିଞ୍ଚନ କରି ଓଦା କରନ୍ତୁ।
- **ଛେଳି ଓ ମେଣ୍ଢା :** ବର୍ତମାନ ର ପାଗକୁ ଲକ୍ଷ୍ୟ କରି ବାହାରକୁ ଚରାଇବାକୁ ନେଉଥିବା ଛେଳି ଓ ମେଣ୍ଢା ମାନଙ୍କୁ ଦିନ ୧୧ ଟା ପୂର୍ବରୁ ଗୁହାଳକୁ ନେଇ ଆସନ୍ତୁ ଓ ଅପରାହ୍ନ ୪ଟା ପରେ ପୁନର୍ବାର ଚରାଇବାକୁ ଛାଡ଼ନ୍ତୁ।
- **କୁକୁଡ଼ା:** ବର୍ତମାନ ପାଗରେ କୁକୁଡ଼ା ରଖୁଥିବା ଘରକୁ ଦିନବେଳା ପରଦା ଡାଙ୍କି ଗରମ ପବନରୁ କୁକୁଡ଼ା ମାନଙ୍କୁ ରକ୍ଷା କରନ୍ତୁ। ଆବଶ୍ୟକ ସ୍ଥଳେ କୁକୁଡ଼ା ମାନଙ୍କ ଉପରେ ଦିନରେ ୨ ରୁ ୩ ଥର ପାଣି ସିଞ୍ଚନ କରନ୍ତୁ।

ନୋଡାଲ ଅଫିସର

ଗ୍ରାମୀଣ କୃଷି ମୌସମ ସେବା , ଭବାନୀପାଟଣା

ବି.ଦ୍ର.:- ସ୍ଥାନୀୟ ପାଣିପାଗ ସମ୍ବନ୍ଧୀୟ ତଥ୍ୟ ପାଇଁ "ମଉସମ", ପାଣିପାଗ ଭିତିକ କୃଷି ସୂଚନା ପାଇଁ "ମେଘଦୂତ" ଓ ବିଜୁଳି ସତର୍କ ସୂଚନା ପାଇଁ "ଦାମିନୀ" ମୋବାଇଲ ଆପ୍ଲିକେସନ ବ୍ୟବହାର କରନ୍ତୁ।

କୃଷିରେ ଅଧିକତର ଲାଭ ନିମନ୍ତେ ଓୟୁଏଟି କଳିଙ୍ଗ ଦ୍ରବ୍ୟ ବ୍ୟବହାର କରନ୍ତୁ (ବିହନ, ଚାରା ଓ ଗୁଣାତ୍ମକ ବୃକ୍ଷରୋପଣ ସାମଗ୍ରୀ, ଟିସୁ କଲ୍ଚର ଚାରା, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ , ଅଙ୍ଗୁଳିକା ଯାଆଁଳ/ ବର୍ଷିକୀୟା ଯାଆଁଳ, କୁକୁଡ଼ା ଚିଆଁ, ପଶୁ ପ୍ରଜାତି, ଛତୁ ଓ ମଞ୍ଜି , ଜୀବାଣୁ ସାର , ଜୈବିକ କୀଟନାଶକ , ଜିଆ ଓ ଜିଆଖତ ଏବଂ କୃଷି ଯନ୍ତ୍ରପାତି).

ଭାରତୀୟ ପାଣିପାଗ ସଂସ୍ଥା ର ପାଣିପାଗ ଆକଳନ ଓ କୃଷିପାଣିପାଗ ଜନିତ ସୂଚନା ଏବେ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ମେଘଦୂତ ଆପ ରେ ଉପଲବ୍ଧ । ଆପ ଡାଉନଲୋଡ କରିବା ପାଇଁ ନିମ୍ନ ଲିଙ୍କରେ କ୍ଲିକ କରନ୍ତୁ ।
**(Android: https://play.google.com/store/apps/details?id=com.aas.meghdoot), (iOS: https://apps.apple.com/in/app/meghdoot/id1474048155)**